## ବାଲି ବୋଝେଇ ଟ୍ରାକ୍ଟର ଜବତ

କୁଳିଅଣା,(ଆଦିକନ୍ଦ ସାହୁ)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ପୋଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବାରୁଡ଼ି ଗ୍ରାମ ନିକଟସ୍ଥ ଏକ ସରକାରୀ ଜାଗାରେ ଜମା ହୋଇ ରହିଥିବା ବାଲିକୁ ଟ୍ରାକ୍ଟର ଯୋଗେ ଚାଲାଣ କରାଯାଉଥିବା ବେଳେ ପୋଲିସ ଜବତ କରିଛି। ପୋଲିସକୁ ଦେଖି ଟ୍ରାକ୍ଟର ଡ୍ରାଇଭର ଦୌଡ଼ି ପଳାଇ ଥିଲେ। ଜବତ ଟ୍ରାକ୍ଟରକୁ ଥାନାକୁ ଆଣି ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୩/୨୪) ରୁଜୁ ହୋଇଛି।

## ସଂକ୍ଷେପରେ

### ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲାରେ ଶ୍ରେଷ୍ଠ

ସୋର, ୯।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ତଳନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଆତ୍ମରକ୍ଷା ସୁରକ୍ଷା ଶିବିରରେ ବାଲେଶ୍ୱର ଜିଲାରେ ଶ୍ରେଷ୍ଠମାନ୍ୟତା ପାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯାଇ ମାନପତ୍ର ପ୍ରଦାନ କରାଯାଇଛି। ଫକୀରମୋହନ ନୋଡ଼ାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ଼. ପ୍ରଦୀପ କୁମାର ରଣା ଓ ନୋଡ଼ାଲ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରିଥିଲେ।

### ଯୋଗ ଦେଲେ ନୂଆ ବିଡିଓ

ବେତନଟୀ, (ଧରଣୀଧର ମହାନ୍ତି)/ବୈଶିଙ୍ଗା(ରତନ ଦାଶ),୯।୨: ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକର ନୂତନ ବିଡିଓ ଭାବେ ଅମୃତ କୁମାର ରାଉଳ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ନବରଙ୍ଗପୁର ଜିଲାର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ଶୁକ୍ରବାର ବେତନଟୀ ପ୍ରେସ୍ କ୍ଲବର ସଦସ୍ୟମାନେ ନୂତନ ବିଡିଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ବେତନଟୀ ବ୍ଲକ ବିଡିଓ ନିର୍ଲିପ୍ତା ମହାନ୍ତିଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାର ପ୍ରଶାସନିକ ଅଧିକାରିଣୀ ଭାବେ ବଦଳି କରାଯାଇଛି।

### ୪ ଶୁଆ ଶାବକ ଜବତ

ଠାକୁରମୁଣ୍ଡା,୯।୨ (ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳରୁ ହାଟକୁ ବିକ୍ରି ପାଇଁ ନିଆ ଯାଉଥିବା ୪ଟି ଶୁଆ ଶାବକକୁ ବନ କର୍ମଚାରୀମାନେ ଜବତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସାତକୋଶିଆ ଗ୍ରାମ ଲକ୍ଷ୍ମୀପୋଷି ସାହିର କର୍ଣ୍ଣ ନାୟକ। ଗୁରବାର ସାତକୋଶିଆ ସାପ୍ତାହିକ ହାଟକୁ ଏକ ବ୍ୟାଗରେ ୪ଟି ଶୁଆ ଶାବକ ଭର୍ତ୍ତି କରି କର୍ଣ୍ଣ ବିକ୍ରି କରିବାକୁ ନେଉଥିଲେ। ଖବର ପାଇ ସାତକୋଶିଆ ରେଞ୍ଜ ଅଧିକାରୀ ରବିନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବିଜୟାନନ୍ଦ ଦଳେଇ, ଚିତ୍ରା ହୋ ଚଢ଼ାଉ କରି ଶୁଆ ଶାବକକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରିଛି।

### କାର୍ ଦୁର୍ଘଟଣାରେ ୫ ଆହତ

ବାହାନଗା, ୯।୨(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥ ବାହାନଗା ହାଇସ୍କୁଲ ନିକଟରେ ଶୁକ୍ରବାର ଏକ ଟ୍ରେଲରକୁ ପଛରୁ କାର୍ ଧକ୍କା ଦେବା ଫଳରେ ଡ୍ରାଇଭରଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଖନ୍ତାପଡା ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବାରିପଦା ଅଞ୍ଚଳର ଦେବବ୍ରତ ପତି ପରିବାର ସହ ଭୁବନେଶ୍ୱର ଫେରୁଥିବା ବେଳେ ଏହି ସ୍ଥାନରେ ଭାରସାମ୍ୟ ହରାଇ କାର୍ ଚାଳକ ଜଣଙ୍କ ଆଗରେ ଯାଉଥିବା ଏକ ଟ୍ରେଲର ପଛକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଖନ୍ତାପଡା ଥାନା ପୋଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଛନ୍ତି।

### ଅଖା ମଧ୍ୟରୁ ହାତଗୋଡ ବନ୍ଧା ମହିଳାଙ୍କ ମୃତଦେହ ଜବତ

ଜଳେଶ୍ୱର, ୯।୨(ରବିନାରାୟଣ ପାତ୍ର)–ଶୁକ୍ରବାର ପୂର୍ବାହ୍ନରେ ଜଳେଶ୍ୱର ଥାନା ଅଧୀନ ୬୦ ନଂ. ଜାତୀୟ ରାଜପଥ ନୟନଯୋରୀରେ ପଡିଥିବା ଏକ ଅଖା ମଧ୍ୟରୁ ହାତଗୋଡ ବନ୍ଧା ହୋଇଥିବା ମହିଳାଙ୍କ ମୃତଦେହ ଜବତ ହୋଇଛି। ପ୍ରବଳ ଦୁର୍ଗନ୍ଧ ହେଉଥିବାରୁ ଲୋକେ ଜଳେଶ୍ୱର ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ସହ ଆଇଆଇସି ରଞ୍ଜନ କୁମାର ସେଠୀ ପହଞ୍ଚି ଅଖା କାଟି ମହିଳାଙ୍କ ମୃତଦେହ ବାହାର କରିଥିଲେ। କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରି ଏପରି ନିର୍ଜନ ସ୍ଥାନରେ ପକାଇଥିବା ଅନୁମାନ କରାଯାଉଛି ।

# ମାଛ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବେ

ରୂପସା, ୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ରୂପସା ଫ୍ରେଣ୍ଡସ ଫିସାରୀ ପରିବାର ପକ୍ଷରୁ ଆୟୋଜିତ ୫ମ ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏମ୍‌ଡ଼ି ବଂଶୀଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମାଛ ଚାଷ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା ଯୋଗଦେଇ ମାଛ ଚାଷ ପାଇଁ ସରକାରଙ୍କ ବିଭିନ୍ନ ଲାଭଦାୟକ ଯୋଜନା, ମାଛଚାଷର ଉନ୍ନତକୌଶଳ ଓ ଆଧୁନିକ ପ୍ରଣାଳୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରିଜିଓନାଲ ମ୍ୟାନେଜର ସୌଗତ ରାୟ, ରିଶୋର୍ସପର୍ସନ ଭାବେ ଟେକ୍ନିକାଲ ହେଡ୍.ଶ୍ରବଣ କୁମାର ମିଶ୍ର ଯୋଗଦେଇ ହିତାଧିକାରୀଙ୍କୁ ପରାମର୍ଶ ଦେଇ ମାଛ ଚାଷ ମାଧ୍ୟମରେ ସମସ୍ତେ ସ୍ୱାବଲମ୍ବୀ ହେବା ସହ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ମଞ୍ଚାସୀନ ଥିଲେ। ପରିବାରର ଅନ୍ୟତମ ଏମ୍‌ଡ଼ି ପ୍ରସନ୍ନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅଗ୍ରଣୀ ମତ୍ସ୍ୟଚାଷୀଙ୍କ ସମେତ ପରିବାରର ଏମ୍‌ଡ଼ିଦ୍ୱୟଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମକର୍ତ୍ତା ମନୋଜ କୁମାର ଗିରି, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସତ୍ୟବ୍ରତ ଗିରି, ରାଜେନ୍ଦ୍ର ବେହେରା ଓ ପଦ୍ମଲୋଚନ ବଢ଼େଇ ପ୍ରମୁଖ ସହଯୋଗ କରିଥିଲେ।




ଏମ୍‌ଡ଼ି ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସୁନା ଦୋକାନରୁ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଲୁଟ୍

ଭୋଗରାଇ, ୯।୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ସାମୁଦ୍ରିକ ଥାନା ଅଧୀନ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ବଜାରରେ ଥିବା ଗୋଛିଦା ଟେଘରି ଗ୍ରାମର ବନବିହାରୀ କାମିଲାଙ୍କ ରାଧାକୃଷ୍ଣ ଜୁଏଲେରୀରୁ ଶୁକ୍ରବାର ୨ଜଣ ଗ୍ରାହକ ଗହଣା କିଣିବା ଆଳରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଲୁଟ୍ କରିନେଇଛନ୍ତି।

ଦୋକାନୀ ଗ୍ରାହକଙ୍କୁ ଗହଣା ଦେଖାଉଥିଲା ବେଳେ ଅନ୍ୟ ଜଣେ ଦୁର୍ବୃତ୍ତ ଦୋକାନ ବାହାରେ ବାଇକ ଧରି ବସିଥିଲେ। ତାଙ୍କର ସହଯୋଗୀ ଗ୍ରାହକ ଗହଣା ଦେଖୁ ଦେଖୁ କେତେକ ଗହଣା ନିଜ ପକେଟରେ ପୂରାଇ ଆଉ କିଛି ଗହଣା ହାତରେ ଧରି ଦୋକାନରୁ ବାହାରି ଦୌଡ଼ି ପଳାଇ ଆସି ତାଙ୍କ ସହଯୋଗୀଙ୍କ ବାଇକ ଯୋଗେ ପଶ୍ଚିମବଙ୍ଗ ଦୀଘା ରାସ୍ତା ଆଡେ ପଳାଇଯାଇଥିଲେ। ଦୋକାନୀ ଜଣକ ସେମାନଙ୍କ ପିଛା କରି ଦୁର୍ବୃତ୍ତମାନଙ୍କ କୌଣସି ସନ୍ଧାନ ନ ପାଇବାରୁ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ ସାହୁ, ତାଳସାରୀ ସାମୁଦ୍ରିକ ଥାନା ଆଇଆଇସି ଚମ୍ପାବତୀ ସୋରେନଙ୍କ ସମେତ ସଦଳବଳେ ପୋଲିସ ଫୋର୍ସ ପହଞ୍ଚି ଦୋକାନରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଘଟଣାର ତଦନ୍ତ କରିଛନ୍ତି।

# ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଭେଟିଲା କୋର କମିଟି

ଚମ୍ପୁଆ,୯।୨(ମହେଶ୍ୱର ଦାସ)

**ବଢୁଛି ଧାମରା ଅନ୍‌ଲୋଡିଂ ବିବାଦ**

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ଟ୍ରକ୍ ଯୋଗେ ଧାମରାକୁ ପରିବହନ ହେଉଥିବା ଲୁହାପଥର ବୋଝେଇ ଟ୍ରକଗୁଡ଼ିକ ଅନ୍‌ଲୋଡିଂ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ଅନ୍‌ଲୋଡିଂ ପାଇଁ କେନ୍ଦୁଝର ଟ୍ରକ୍‌ଗୁଡ଼ିକ ଛିଡ଼ା ହେଉଥିବାରୁ ମାଲିକମାନେ କ୍ଷତି ସହୁଛନ୍ତି। ଏପରିକି ଧାମରା ଅଞ୍ଚଳରେ ଡ୍ରାଇଭରମାନଙ୍କୁ ଆକ୍ରମଣ ହେଉଛି। ଏହାକୁ ବିରୋଧ କରି ଶୁକ୍ରବାର ଯୋଡ଼ା, ବଡ଼ବିଲ, କେନ୍ଦୁଝର ଓ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଗଠନ କରାଯାଇଥିବା କୋର କମିଟି ସଦସ୍ୟମାନେ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ମାଲ୍ଲିକଙ୍କୁ ସାକ୍ଷାତ କରିଛନ୍ତି। ସୂଚନା ଅନୁସାରେ, ଅନ୍ୟ ଜିଲାର ଟ୍ରକ୍‌ଗୁଡ଼ିକ ଯୋଡ଼ା ଅଞ୍ଚଳରୁ ମାଲ ପରିବହନ କରି ଦିନେରୁ ୨ ଦିନ ମଧ୍ୟରେ ଟ୍ରିପ୍ କରୁଥିବା ବେଳେ କେନ୍ଦୁଝର, ବଡ଼ବିଲ, ଯୋଡ଼ା ଓ ଆଞ୍ଚଳିକ ଟ୍ରକ ମାଲିକମାନଙ୍କର ଟ୍ରକଗୁଡ଼ିକ ଉକ୍ତ ମାଲ ପରିବହନ କରିବାକୁ ୮ ରୁ ୧୦ ଦିନ ଲାଗିଯାଉଛି। ସମସ୍ୟା ସମାଧାନ ପାଇଁ ଟ୍ରକ ମାଲିକ ସଂଘ ପ୍ରଶାସନିକ ହସ୍ତକ୍ଷେପ ଲୋଡିଥିବା ଯୋଡ଼ା ଟ୍ରକ ମାଲିକ ସଂଘ ସମ୍ପାଦକ ଶୁସାନ୍ତ ବାରିକ ସୂଚନା ଦେଇଛନ୍ତି। କୋର କମିଟି ଆବାହକ ଦେବୁ ପଟ୍ଟନାୟକ, ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ସମ୍ପାଦକ ରାଜେନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ସାହୁ, ଗୋବିନ୍ଦ ଖିଲାର, ଏମ୍‌ଡି ନାୟବ, ପ୍ରଭାସ ଗୁପ୍ତା, ଯୋଡ଼ା ଟ୍ରକ୍ ମାଲିକ ସଂଘର ଏମ୍‌ଡି ମୁସ୍‌ଲିମ, ସଞ୍ଜିବ ରାଜ, ସୁରେନ୍ଦ୍ର ସାହୁ, ଡୋରା ମହାନ୍ତ ସମେତ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଆଲୋଚନା କରିଥିଲେ। ଉପରସ୍ତୁ ଅଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ପୃଥକ ଦୁର୍ଘଟଣାରେ ୨ ମୃତ

ଯୋଡ଼ା,୯।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଞ୍ଚଳରେ ଟ୍ରକ୍ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଜଣେ କାଳିମାଟି ଅଞ୍ଚଳର କୁନୁ ଗାଗରାଇ ହୋଇଥିବା ବେଳେ ଅନ୍ୟଜଣଙ୍କ ପରିଚୟ ମିଳିପାରିନାହିଁ। ଶୁକ୍ରବାର ଭୋର୍ ସମୟରେ ବାମେବାରି ପଳାସପଙ୍ଗା ରାସ୍ତାର ବଳଦା କାଳିମାଟିର ସିରାଜୁଦ୍ଦିନ ଖଣି ସମ୍ମୁଖରେ ଏକ ଅଜଣା ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଦବୁନାଠାରେ ଥିବା ଏକ କମ୍ପାନୀରୁ ଆଇରନ ଖାଲି କରି ଫେରୁଥିବା ହାଇୱା(ନଂ. ଓଡି ୦୯ ଭି ୬୦୯୯) କୁନୁଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଅଞ୍ଚଳରେ ଅନ୍ୟ ଏକ ଟ୍ରକ୍ ଛେଳି ଉପରେ ଚଢ଼ାଇ ଚାଲିଯାଇଥିଲା। ସମସ୍ତ ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ସୂଚନାଯୋଗ୍ୟ, ଗତ ଡିସେମ୍ବରରେ କଟୁପାଲି ଗ୍ରାମର ବିଭିଷଣ ବେହେରାଙ୍କ ଟ୍ରକ ଧକ୍କାରେ ମୃତ୍ୟୁ ଘଟିଥିଲା। ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଲୋକେ ୨ ଦିନ ରାସ୍ତା ଅବରୋଧ କରିଥିଲେ।

# ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂର ବାର୍ଷିକ ସମାରୋହ



କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବାରିପଦା,୯।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଲକ୍ଷ୍ମୀପୋଷିସ୍ଥିତ ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂର ବାର୍ଷିକ ସମାରୋହ ଟେକ୍ନୋମେଲିଜମା–୨୦୨୪ ଅନୁଷ୍ଠାନର ପ୍ରତିଷ୍ଠାତା ଭୂମିପୁତ୍ର ପୂର୍ଣଚନ୍ଦ୍ର ବୁଟୁଡେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଇଂ. ଧରମବୀର ବୁଟୁଡେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ ଡିଆର୍‌ଡିଓର୍ ଆସୋସିଏଟ ଡାଇରେକ୍ଟର ବି.ସୁଚରିତା ଯୋଗଦେଇ ଉତ୍ତମ ମଣିଷ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ। ପ୍ରତିଷ୍ଠାତା ବୁଟୁଡେଇ ଜୀବନର ଶ୍ରେଷ୍ଠ କର୍ମ ଶୈଳୀକୁ ଆପଣେଇ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେଇଥିଲେ। ପରିଚାଳନା ସମିତିର ସଭାପତି କାହ୍ନୁ ସୋରେନ ଏବଂ ସଦସ୍ୟ ଇଂ. ବିପ୍ଳବ ଭଞ୍ଜନ ବୁଟୁଡେଇ ଉଦବୋଧନ ଦେଇ ଏକ ସୁସ୍ଥ ତଥା ଆଦର୍ଶ ସମାଜ ଗଠନ କରିବାର ସ୍ୱପ୍ନକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ମୁଖପତ୍ର 'ଦି ରିଭିଲେସନ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ରାମ୍ ଶୋ' ଓ ଚିତ୍ତାର୍କଷକ ନୃତ୍ୟ ତଥା କଳାକାର ମାନଙ୍କର ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା। ମିସ୍ ଏମ୍‌ଏସ୍‌ଇ ଭାବେ ସିଭିଲ ଇଞ୍ଜିନିୟରିଂ ଛାତ୍ରୀ ପ୍ରିୟଦର୍ଶିନୀ ସେନାପତି ଓ ମିଷ୍ଟର ଏମ୍‌ଏସଇ ଭାବେ ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ଶ୍ରେୟାସିସ ପତି ଏବଂ ସର୍ବୋତ୍କୃଷ୍ଟ ବିଦ୍ୟାର୍ଥୀ ଭାବେ ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ଅଲେଖ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରଯାଇଥିଲା। ରଞ୍ଜିତ କୁମାର ସାହୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଦ୍ୱାରଶୁଣୀ ଘାଟିରାସ୍ତା ପ୍ରଶସ୍ତୀକରଣ ଲାଗି ତତ୍ପରତା

ବାଙ୍ଗିରିପୋଷି,୯।୨ (ସଞ୍ଜୟ କୁମାର ଅଗ୍ରୱାଲା)

**ଏନ୍‌ଏଚ୍‌ଆଇ ଅଧିକାରୀ-ଠିକାଦାରଙ୍କ ପରିଦର୍ଶନ**

ମରଣଯନ୍ତା ପାଲଟିଥିବା ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣ ଲାଗି ତତ୍ପରତା ପ୍ରକାଶ ପାଇଛି। ଗଣଶିକ୍ଷା ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡିଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ବାଙ୍ଗିରିପୋଷି ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାର୍ଣ୍ଡିଙ୍କ ସହ ଯୁବନେତା ବିଶ୍ୱଜିତ ଶର୍ମା ଏନ୍‌ଏଚ୍‌ଆଇର ସମସ୍ତ ଅଧିକାରୀ ଏବଂ ଜୟ ମାତା ଦି କମ୍ପାନୀର ଠିକାଦାରଙ୍କୁ ନେଇ ଘାଟିରାସ୍ତା ଅନୁଧ୍ୟାନ କରିଥିଲେ। ପ୍ରଶସ୍ତୀକରଣ ବେଳେ ପଥର ବ୍ଲାଷ୍ଟିଙ୍ଗ ହେବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ୧.୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ବ୍ଲାଷ୍ଟିଙ୍ଗ ସ୍ଥାନଗୁଡ଼ିକୁ ଚିହ୍ନଟ ପରେ ମାଇକ୍ ଯୋଗେ ଶନିବାର ନିକଟସ୍ଥ ଅଞ୍ଚଳବାସୀଙ୍କୁ ଜଣାଇ ଦିଆଯିବ ବୋଲି ସୂଚନା ମିଳିଛି।

# ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ

ଭଦ୍ରକ,୯।୨(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ପୋଲିସ ଗୁରୁବାର ରାତିରେ ଏକ ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ କରିଛି। ବିଭିନ୍ନ ସାମଗ୍ରୀ ଜବତ ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି।

ପୁରୁଣାବଜାର ଥାନା ଅଧୀନ ଦାସସାହିରେ ନକଲି ଜର୍ଦ୍ଦା କାରଖାନା ଚାଲିଥିବା ଖବର ପାଇ ରାତିରେ ପୋଲିସ ଚଢ଼ାଉ କରିଥିଲା। ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ସହ ଜର୍ଦ୍ଦା ତିଆରି ମେଶିନ, ପ୍ୟାକିଂ ଡବା, ଓଜନ ମେଶିନ ଜବତ କରାଯାଇଛି। ସନ୍ତୋଷ ଦାସଙ୍କ ଘରେ ଏହି କାରଖାନା ଚାଲିଥିବାରୁ ତାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ମାମଲା (ନଂ.୨୭/୨୪) ରୁଜୁ କରାଯାଇଛି। ଥାନାଧିକାରୀ ନିରୋଜ ସାମଲ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୯।୨

ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତର ମାଳିକୁଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଏବିଇଓ ମୀନରାଣୀ ସାହୁ, ଘଣ୍ଟୁଆ କ୍ଲଷ୍ଟର ସିଆରସିସି ପୁଷ୍ପଲତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଭଜହରି ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ପର୍ଶୁରାମ ଜେନା, ଘଣ୍ଟୁଆ ସରପଞ୍ଚ ସୁଶୀଲ କୁମାର ପ୍ରଧାନ, ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ପ୍ରଧାନଙ୍କ କର୍ତ୍ତବ୍ୟନିଷ୍ଠା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଶିକ୍ଷକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଥାନାଧିକାରୀଙ୍କ ବଦଳି ଦାବି

**ଗାଡ଼ି ଅଟକାଇବାରୁ ପୋଲିସ ପିଟିବା ଘଟଣା**

ବନ୍ତ,୯।୨(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବଜାର ଥାନାଛକରେ ଗୁରୁବାର ଦୁର୍ଘଟଣା ଘଟାଇଥିବା ଏକ ବାଲି ବୋଝେଇ ହାଇୱାକୁ ଅଟକାଇବା ସମୟରେ ୨ ଯୁବକଙ୍କୁ ପୋଲିସର ମାଡ଼ ନେଇ ପ୍ରତିବାଦ କରାଯାଇଛି। ବନ୍ତ ଥାନାଧିକାରୀଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିବା ସହ ତାଙ୍କର ବଦଳି କରାଯାଉ ବୋଲି ଶୁକ୍ରବାର ବନ୍ତ ବଜାରରେ ଆହୂତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବନ୍ତ ଅଞ୍ଚଳରେ ବିପୁଳ ପରିମାଣର ମଦ, ଗଞ୍ଜେଇ ଓ ଡ୍ରଗ୍ସ କାରବାର ବଢ଼ି ଚାଲିଥିବା ବେଳେ ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ମାଡ଼ ମାରିଥିବା ଥାନାଧିକାରୀଙ୍କ ବଦଳି, ଶକ୍ତିଧର ରାଉତ ଓ ଗଣନାଥ ବେହେରାଙ୍କ ନାମରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହୃତ କରାଯିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଗଣନାଥ ବେହେରା, ଶକ୍ତିଧର ରାଉତ, ଗୟାଧର ସାହୁ, ମୁନ୍‌ତାଜ୍ ଅଲ୍ଲୀ ଖାଁ ପ୍ରମୁଖ ଚେତାବନୀ ଦେଇଛନ୍ତି। ପ୍ରକାଶଥାଉ କି, ଗୁରୁବାର ଏକ ବାଲି ବୋଝେଇ ହାଇୱା ଶ୍ରୀବନ୍ତପୁର ଛକଠାରେ ଜଣେ ସ୍କୁଲ ଛାତ୍ରଙ୍କୁ ଧକ୍କା ଦେଇ ପଳାଇ ଯାଉଥିବା ବେଳେ ବନ୍ତ ଥାନା ଛକଠାରେ ସ୍ଥାନୀୟ ଲୋକେ ଅଟକାଇଥିଲେ। ପୋଲିସ ପହଞ୍ଚିବା ପରେ ଯୁକ୍ତିତର୍କ ହେବା ସହ ଥାନାଧିକାରୀ ୨ ଯୁବକଙ୍କୁ ଧକ୍କା ମାରିବା ସହ ଲାଠିଚାର୍ଜ କରିଥିଲେ।

# ପୁଣି ଆଇଜିଆର୍‌ଙ୍କୁ ଭେଟିଲେ ଟ୍ରକ୍ ମାଲିକ

**କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ**

କେନ୍ଦୁଝର,୯।୨(ଦୀପକ ମିଶ୍ର): କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ଯେତେ ବିଳମ୍ବ ହେଉଛି ଟ୍ରକ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ସେତିକି ବୃଦ୍ଧି ପାଉଛି। ନିର୍ବାଚନ ପ୍ରସଙ୍ଗରେ ହାଇକୋର୍ଟ ଆଇଜିଆର (ଇନ୍ସପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେଶନ)ଙ୍କୁ ନିର୍ବାଚନ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ସରକାର ସୁପ୍ରିମକୋର୍ଟ ଯାଇଥିବା ବେଳେ ମାମଲା ୨୦୨୪ ଜାନୁଆରୀ ୪ ରେ ଖାରଜ ହୋଇଥିଲା। ଫଳରେ ନିର୍ବାଚନ ପାଇଁ ବାଟ ଫିଟିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ଇତି ମଧ୍ୟରେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଉ ନ ଥିବାରୁ ଗୁରୁବାର ଟ୍ରକ୍ ମାଲିକମାନେ ପୁଣି ଆଇଜିଆରଙ୍କୁ ଭେଟିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶରେ ନିର୍ଦ୍ଦିଷ୍ଟ ତାରିଖ ଥିଲେ ସୁଦ୍ଧା ଆଇଜିଆର କାର୍ଯ୍ୟାଳୟ ଏହାକୁ ଏଡ଼ାଇ ଦିଆଯାଉଛି। ଟ୍ରକ ମାଲିକମାନେ ବାରମ୍ବାର ଆଇଜିଆର ସୁବ୍ରତ ଶତପଥି ଓ ଅନୁଶାସନ ସଚିବ ସ୍ମିତା ମହାନ୍ତିଙ୍କୁ ସାକ୍ଷାତ କରି ଖାଲି ପ୍ରତିଶ୍ରୁତି ପାଉଛନ୍ତି ବୋଲି ଟ୍ରକ ମାଲିକ ଆୟସକାନ୍ତ ପଟ୍ଟନାୟକ, ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ ପ୍ରକାଶ କରିଛନ୍ତି। ଗୁରୁବାର ମନୋରଞ୍ଜନ ସାହୁ, ସୁଶାନ୍ତ ବେହେରା, ଅଜୟ ମିଶ୍ରଙ୍କ ନେତୃତ୍ୱରେ ୩୦ ଜଣ ଟ୍ରକ ସଂଘର ସଦସ୍ୟ ଆଇଜିଆରଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଆଇଜିଆର ଓ ଅନୁଶାସନ ସଚିବ ନିର୍ବାଚନ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ କିଛି ଟ୍ରକ୍ ମାଲିକ ନିର୍ଦ୍ଦିଷ୍ଟ ତାରିଖ ଗଡ଼ି ଯାଇଥିବାରୁ ଅଦାଲତ ଅବମାନନା କେସ କରିବେ ବୋଲି କହିଛନ୍ତି।

# କାଶିବେଡ଼ାରେ ମାଗେ ପରବ ଆରମ୍ଭ



ହୋ ସମ୍ପ୍ରଦାୟର କଳାକାରମାନେ।

ଢେଙ୍କିକୋଟ,୯।୨(ନୀଳମଣି ମଣ୍ଡଳ)

ସେହିପରି କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ କାଶିବେଡ଼ା ମୁଣ୍ଡା ସାହିରେ ବସ୍ତିର ହୋ ସମ୍ପ୍ରଦାୟର ଜନଜାତିଙ୍କ ମାଗେ ପରବ ଆରମ୍ଭ ହୋଇଛି। ପ୍ରଥମ ଦିନରେ ହୋ ସମ୍ପ୍ରଦାୟର ନାୟିକା ପର୍ବତୀ ହେମ୍ରମ, ଝାଡ଼ଖଣ୍ଡର ହୋ ସମ୍ପ୍ରଦାୟ କମେଡି ମେକର ଶିବା ଦେଓଗାଁ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଜିଲା ହୋ ସମ୍ପ୍ରଦାୟର ସଭାପତି ରାମରାଏ ମୁନ୍ଦିଆ, ସମ୍ମାନୀୟ ଅତିଥିଭାବେ ଜିଲା ହୋ ସମ୍ପ୍ରଦାୟ ସଂଘର କର୍ମକର୍ତ୍ତା ଜୀବନ ସିଂହ ମୁନ୍ଦିଆ ହୋ ସମାଜର କଣ୍ଠଶିଳ୍ପୀ ଆଟୋ ପୂର୍ତ୍ତି ଯୋଗଦେଇଥିଲେ। କାଶିବେଡ଼ା ଗ୍ରାମର ପାଣ୍ଡବ ଚାତମା, ଗୌରାଙ୍ଗ ମୁଣ୍ଡା, ଲୋକନାଥ ମୁଣ୍ଡା, ବିଜୟ ମୁଣ୍ଡା, ଦଶରଥ ମୁଣ୍ଡା, ରାଜେଶ ଗାଗରାଇ ଏବଂ ଗଗନ ମୁଣ୍ଡା ପରିଚାଳନା କରିଥିଲେ।

# ଭାଷା, ସାହିତ୍ୟ ଓ ସଂସ୍କୃତିକୁ ମଜଭୁତ କରେ ମହୋତ୍ସବ

**'ବାସୁଦେବାୟନ' ଉଦ୍‌ଘାଟିତ**

ବାସୁଦେବପୁର, ୯।୨ (ନାରାୟଣ ପ୍ରସାଦ ବାରିକ୍)




ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ବାସୁଦେବପୁର ଯାଦବ ପଡ଼ିଆରେ ପୌରପାଳିକା ଆନୁକୂଲ୍ୟରେ ୨ୟ ବାର୍ଷିକ ବାସୁଦେବପୁର ମହୋତ୍ସବ 'ବାସୁଦେବାୟନ' ଓ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ଭାଷା ସାହିତ୍ୟ ଓ ସଂସ୍କୃତିକୁ ମଜଭୁତ କରିଥାଏ ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ କହିଥିଲେ, ବାସୁଦେବପୁର ମାଟି ତ୍ୟାଗ ଓ ବଳିଦାନର ମାଟି। ସଂସ୍କୃତି, ଭାଷା ସାହିତ୍ୟକୁ ବଳିଷ୍ଠ କରିବାରେ ଏ ମାଟିର ବଡ଼ ଅବଦାନ ରହିଛି। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଧାୟକଙ୍କ ପତ୍ନୀ ସାମାଜିକ କର୍ମୀ ରତ୍ନପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ମହୋତ୍ସବର ମୁଖପତ୍ର 'ବାସୁଦେବାୟନ' ଉନ୍ମୋଚନ କରାଯାଇଥିଲା। କମିଟି ସଭାପତି ଶୁଭେନ୍ଦୁ ଭୂଷଣ ବେହେରା ଓ ସମ୍ପାଦକ ଅସିତ୍ ଦାଶ ପୁସ୍ତକ ଉନ୍ମୋଚନ ବେଳେ ମଞ୍ଚରେ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବାସୁଦେବପୁର ଅଞ୍ଚଳର ବ୍ୟକ୍ତିବିଶେଷ ସୁଧାକର ସନ୍ଧିବିଗ୍ରହ, ଦୁଶାସନ ରାଉତ, ରତ୍ନାକର ବାରିକ, ସୁଦର୍ଶନ ଅଗସ୍ତୀ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଅଭିମନ୍ୟୁ ବେହେରା, ସାଧୁଚରଣ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥି ପଲେଇଙ୍କ ସମ୍ପାଦନା ଓ ବିକାଶ ଚନ୍ଦ୍ର ଶତପଥିଙ୍କ ସହସମ୍ପାଦନାରେ ଏହି ପୁସ୍ତକ ପ୍ରକାଶିତ ହୋଇଛି। କୃତୀ ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

